# State Visit of President of India to Jamaica and St. Vincent & Grenadines (May 15-21, 2022)

May 07, 2022

## ଭାରତର ରାଷ୍ଟ୍ରପତିଙ୍କ ଜାମାଇକା ଏବଂ ସେଣ୍ଟ ଭିନ୍ସେଣ୍ଟ ଓ ଗ୍ରେନାଡାଇନ୍ସ ଗସ୍ତ (15-21 ମଇ 2022)

**ମଇ 07, 2022**

ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ 15-21 ମଇ 2022 ଜାମାଇକା ଏବଂ ସେଣ୍ଟ ଭିନ୍ସେଣ୍ଟ ଓ ଗ୍ରେନାଡାଇନ୍ସ (ଏସଭିଜି) ଗସ୍ତ କରିବେ। ଜଣେ ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ଏହି ଦେଶଗୁଡିକୁ ଏହା ପ୍ରଥମ ଗସ୍ତ ହେବ।

ରାଷ୍ଟ୍ରପତି ଜାମାଇକାରେ 15-18 ମଇ 2022 ପର୍ଯ୍ୟନ୍ତ ରହିବେ। ଏହି ଗସ୍ତ ସମୟରେ ସେ ତାଙ୍କ ଜାମାଇକା ପ୍ରତିପକ୍ଷ ଗଭର୍ଣ୍ଣର ଜେନେରାଲ ପରମ ମାନ୍ୟବର ସାର୍ ପାଟ୍ରିକ୍ ଆଲେନଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିବେ। ସେ ପ୍ରଧାନମନ୍ତ୍ରୀ ପରମ ମାନ୍ୟବର ଆଣ୍ଡ୍ରିୟୁ ହୋଲନେସ ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଭେଟିବେ। ସେ ଜାମାଇକା ସଂସଦର ଦୁଇଟି ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

ଜାମାଇକା ଏବଂ ଭାରତ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି। ଜାମାଇକା ଗିରମିଟ୍ୟ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଏଠାରେ 70,000 ପ୍ରବାସୀ ଭାରତୀୟ ବସବାସ କରନ୍ତି ଯେଉଁମାନେ ଭାରତ ଏବଂ ଜାମାଇକା ମଧ୍ୟରେ ଏକ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରନ୍ତି। 2022 ରେ ଭାରତ ଏବଂ ଜାମାଇକା ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 60 ତମ ବାର୍ଷିକୀ ପାଳିତ ହେଉଥିବାରୁ ରାଷ୍ଟ୍ରପତିଙ୍କ ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଅଧିକନ୍ତୁ, ଚଳିତ ବର୍ଷ ଭାରତ ଏବଂ ଜାମାଇକା ଯଥାକ୍ରମେ ସେମାନଙ୍କ ସ୍ୱାଧୀନତାର 75 ତମ ଏବଂ 60 ତମ ବାର୍ଷିକୀ ପାଳନ କରୁଛନ୍ତି।

ରାଷ୍ଟ୍ରପତି 20-21 ମଇ 2022 ଏସଭିଜି ମଧ୍ୟ ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ତାଙ୍କ ପ୍ରତିପକ୍ଷ ଗଭର୍ଣ୍ଣର ଜେନେରାଲ ମାନ୍ୟବର ସୁଶ୍ରୀ ସୁସାନ ଡଗାନଙ୍କ ସହ ଆଲୋଚନା କରିବେ। ସେ ପ୍ରଧାନମନ୍ତ୍ରୀ ମାନ୍ୟବର ଡକ୍ଟର ରାଲ୍ଫ ଇ ଗୋଞ୍ଜାଲଭେସ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବେ। ସେ ଏସଭିଜିର ବିଧାନସଭାକୁ ସମ୍ବୋଧିତ କରିବେ।

ଏସଭିଜି ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀ। 2021 ରେ ଉଭୟ ଭାରତ ଏବଂ ଏସଭିଜି ୟୁଏନଏସସିର ଅସ୍ଥାୟୀ ସଦସ୍ୟ ଥିଲେ ଏବଂ ସେମାନଙ୍କର ଏହି କାର୍ଯ୍ୟକାଳରେ ଉଭୟ ପକ୍ଷ ମଧ୍ୟରେ ଉତ୍ତମ ସହଯୋଗ ଥିଲା।

ଜାମାଇକା ଏବଂ ଏସଭିଜି କାରିବିଆନ କମ୍ୟୁନିଟି (କାରିକମ) ର ସକ୍ରିୟ ସଦସ୍ୟ ଅଟନ୍ତି। ଏହି ଦେଶଗୁଡ଼ିକୁ ପ୍ରଥମ ଥର ପାଇଁ ରାଷ୍ଟ୍ରମୁଖ୍ୟ ସ୍ତରୀୟ ଗସ୍ତ ଭାରତର କାରିବିଆନ ଅଞ୍ଚଳର ଦେଶମାନଙ୍କ ସହିତ ଉଚ୍ଚସ୍ତରୀୟ ଆଦାନ ପ୍ରଦାନର ନିରନ୍ତରତା ଏବଂ ବିକାଶଶୀଳ କ୍ଷୁଦ୍ର ଦ୍ୱୀପ ଦେଶମାନଙ୍କ ସହିତ କାର୍ଯ୍ୟ କରିବାକୁ ଆମର ପ୍ରତିବଦ୍ଧତାକୁ ଦର୍ଶାଏ।

**ନୂଆଦିଲ୍ଲୀ**

**ମଇ 07, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.